The Odisha Gazette

EXTRAORDINARY
PUBLISHED BY AUTHORITY

No. 368, CUTTACK, TUESDAY, MARCH 6, 2012/ FALGUNA 16, 1933

**HOUSING & URBAN DEVELOPMENT DEPARTMENT**

NOTIFICATION

The 6th March, 2012

**S.R.O. No. 82**/2012— Whereas the draft of certain rules further to amend the Orissa Municipal Rules, 1953 was published as required by Section 392 of the Orissa Municipal Act., 1950 ( Orissa Act 23 of 1950), in the Extraordinary issue No.2600, dated the 2nd December, 2011 of the *Odisha Gazette* under the notification of the Government of Odisha in the Housing & Urban Development Department No.32367-Legis.-I-90/2011/HUD, dated the 1st December,2011 as **S.R.O. No. 1014**/2011, inviting objections and suggestions from all persons likely to be affected thereby till the expiry of the period of thirty days from the date of publication of the said notification in the *Odisha Gazette*;

And whereas objections and suggestions received during the specified period in respect of the said draft have been duly considered by the State Government;

Now, therefore, in exercise of the powers conferred by Section 387 of the said Act., the State Government do hereby make the following rules further to amend the Orissa Municipal Rules, 1953, namely:—

**1.** *(1)* These rules may be called the Orissa Municipal (Amendment) Rules,2012.

*(2)* They shall come into force on the date of their publication in the *Odisha Gazette*.

**2.** In the Orissa Municipal Rules,1953, the rule 387 shall be substituted by the following rules, namely:—

"387 Monthly remuneration shall be paid to the Chairman and Vice-Chairman out of the Municipality Fund at following rates.

| | | | |
|---|---|---|---|
| *(i)* | Chairman of the Municipality | - | Rs. 1500.00 |
| *(ii)* | Vice-chairman of the Municipality | - | Rs. 1200.00 |
| *(iii)* | Chairman of the N.A.C | - | Rs. 1000.00 |
| *(iv)* | Vice-chairman of the N.A.C. | - | Rs. 800.00" |

**3.** In the said rules, the rule 387-A shall be substituted by the following rules, namely:—

" 387-A. Every councillor shall receive allowance of rupees one hundred fifty per meeting''**.**

[No.7252-Legis.-1/2012/HUD.]

By order of the Governor

S. GARG

Commissioner-*cum*-Secretary to Government

# ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ

## ଅଧିସୂଚନା

ତା. 6 ମାର୍ଚ୍ଚ , 2012

**ଏସ୍. ଆର. ଓ. ନଂ.82/2012—** ଯେହେତୁ ଓଡିଶା ପୌର ନିୟମାବଳୀ, 1953 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏକ ଚିଠା ନିୟମାବଳୀ ଓଡିଶା ପୌର ଅଧିନିୟମ, 1950 (1950 ର ଓଡିଶା ଅଧିନିୟମ 23) ର ଧାରା 392 ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା 32367-ଲେଜିସ୍-I-90/2011 ଗୃ.ପୌ., ତା.1 ଡିସେମ୍ବର, 2011 ରେ *ଓଡିଶା ଗେଜେଟ୍*ର ଅସାଧାରଣ ସଂଖ୍ୟା 2600 ତା. 2 ଡିସେମ୍ବର, 2011 ରେ **ଏସ୍.ଆର.ଓ. ସଂଖ୍ୟା 1014**/2011 ଭାବରେ ପ୍ରକାଶ କରାଯାଇ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନାଥିବା ସମସ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଅଧିସୂଚନା *ଓଡିଶା ଗେଜେଟ୍*ରେ ପ୍ରକାଶିତ ହେବାର ତିରିଶ ଦିନ କାଳାବଧି ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା;

ଏବଂ ଯେହେତୁ ପୂର୍ବୋକ୍ତ କାଳାବଧି ମଧ୍ୟରେ ଉକ୍ତ ଚିଠା ନିୟମାବଳୀ ସଂକ୍ରାନ୍ତରେ ପ୍ରାପ୍ତ ଆପତ୍ତି ଓ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଦ୍ୱାରା ବିଚାର କରାଯାଇଅଛି ;

ତେଣୁ ସଂପ୍ରତି ରାଜ୍ୟ ସରକାର, ଉକ୍ତ ଅଧିନିୟମର ଧାରା 387 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡିଶା ପୌର ନିୟମାବଳୀ, 1953 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି ଯଥା:—

**1.***(1)* ଏହି ନିୟମାବଳୀ ଓଡିଶା ପୌର (ସଂଶୋଧନ) ନିୟମାବଳୀ,2012 ନାମରେ ଅଭିହିତ ହେବ ।

*(2)* ଏହା *ଓଡିଶା ଗେଜେଟ୍*ରେ ପ୍ରକାଶିତ ହେବା ତାରିଖ ଦିନ ବଳବତ୍ତର ହେବ ।

**2.** ଓଡିଶା ପୌର ନିୟମାବଳୀ, 1953 ର ନିୟମ 387 ସ୍ଥାନରେ ନିମ୍ନଲିଖିତ ନିୟମ ପ୍ରତିସ୍ଥାପିତ ହେବ ।

"387 ସଭାଧ୍ୟକ୍ଷ ଓ ଉପସଭାଧ୍ୟକ୍ଷଙ୍କ ମାସିକ ପାରିଶ୍ରମିକ ନିମ୍ନଲିଖିତ ହାରରେ ପୌରପାଣ୍ଠିରୁ ପ୍ରଦାନ କରାଯିବ ।

| | | | |
|---|---|---|---|
| (କ) | ପୌର ସଭାଧ୍ୟକ୍ଷ | ... | Rs.1500.00 |
| (ଖ) | ପୌର ଉପସଭାଧ୍ୟକ୍ଷ | ... | Rs.1200.00 |

(ଗ) ଅଧିସୂଚିତ କ୍ଷେତ୍ର ପରିଷଦର ସଭାଧ୍ୟକ୍ଷ ... Rs.1000.00

(ଘ) ଅଧିସୂଚିତ କ୍ଷେତ୍ର ପରିଷଦର ଉପସଭାଧ୍ୟକ୍ଷ ... Rs. 800.00"

**3.** ଉକ୍ତ ନିୟମାବଳୀର ନିୟମ 387-କ ସ୍ଥାନରେ ନିମ୍ନଲିଖିତ ନିୟମ ପ୍ରତିସ୍ଥାପିତ ହେବ ।

"387-କ ପ୍ରତ୍ୟେକ ପାରିଷଦ ପ୍ରତି ସଭାପାଇଁ ଏକଶତ ପଚାଶଟଙ୍କା ଭତ୍ତା ବାବଦରେ ପାଇବେ" ।

[ସଂ. 7252-ଲେଜିସ୍.-1/2012/ ଏଚ୍‌ୟୁଡି.]
ରାଜ୍ୟପାଳଙ୍କ ଆଦେଶକ୍ରମେ

ସ.ଗର୍ଗ
କମିଶନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 2466-193+350